## ଯୁବତୀଙ୍କୁ ମାଡ଼, ଯୁବକ ଗିରଫ

ବଇଣ୍ଡା,୧୫।୪(ଡି.ଏନ.ଏ.)- କିଶୋରନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଠାକୁରଗଡ଼ ଥାନା ବନ୍ତୁଲ ଗ୍ରାମର ରାଜେଶ ସେଠୀ ମାଡ଼ ମାରିଥିବା ଠାକୁରଗଡ଼ ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୦୭/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରାଜେଶଙ୍କୁ ଗିରଫ କରିଛି। ପୋଲିସ କହିଛି, ରାଜେଶ ସମ୍ପୃକ୍ତ ଯୁବତୀଙ୍କୁ ବାରମ୍ବାର ଫୋନ କରୁଥିଲେ। ଏ ନେଇ ଯୁବତୀ ରାଜେଶଙ୍କ ଘରକୁ ଆସି ପଚାରିବାରୁ ସେ ଉତ୍କ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

**ସଂକ୍ଷେପରେ**

## ଆଠମଲ୍ଲିକରେ ଦଣ୍ଡଯାତ୍ରା ଉଦ୍‌ଯାପିତ

ଆଠମଲ୍ଲିକ, ୧୫।୪ (ଡି.ଏନ.ଏ.): ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଆଠମଲ୍ଲିକରେ ଦଣ୍ଡ ଯାତ୍ରା ଶେଷ ହୋଇଛି। ଅପରାହ୍ନ ୧ଟା ପର୍ଯ୍ୟନ୍ତ ସାହି ପରିକ୍ରମା ପରେ ଧୂଳିଦଣ୍ଡ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ନିକଟସ୍ଥ ପୋଖରୀରେ ପାଣିଦଣ୍ଡ ସହିତ ମେରୁ ପୂଜା କରାଯାଇଥିଲା। ସହରସ୍ଥିତ ରାମେଶ୍ୱର ପାଟଣାରେ ଗଡୁଆ ଦଣ୍ଡ ତରଫରୁ ଝାମୁଯାତ୍ରାର ଆୟୋଜନ କରାଯାଇଥିଲା। ପ୍ରଥମେ ଠାକୁର ଠାକୁରାଣୀଙ୍କୁ ଧରି ପୂଜକ, ପାଟଭୁକ୍ତା ନିଆଁରେ ଚାଲିବା ପରେ ଦଣ୍ଡୁଆ ଓ ଶ୍ରଦ୍ଧାଳୁମାନେ ନିଆଁରେ ଚାଲିଥିଲେ। ଏହି ମେରୁ ଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିଲା। ସହର ମଧ୍ୟରେ ଗଡୁଆ ଦଣ୍ଡ, ରୁଗୁଡ଼ି ସାହି ଦଣ୍ଡ, ନୂଆସାହି ଦଣ୍ଡରେ ଯାତ୍ରା ହୋଇଥିଲା ବେଳେ, ଲିପଲେଇ, ନଅଗାଁ, କୁଟେଶ୍ୱର, ହରିଡ଼ାକୋଠା, ଅଏଡା, ମାଳିପଦାର, ଓଡିସିଙ୍ଗ, ଲଣାହାଣ୍ଡି, ଡୁଡୁମ, ଶ୍ରଦ୍ଧାପୁର, କନ୍ଧପଡା ଆଦି ଅଞ୍ଚଳରେ ମେରୁଯାତ୍ରା ସହିତ ଦଣ୍ଡ ନୃତ୍ୟ ଅନୁଷ୍ଠିତ ହୋଇଥିଲା।

# ଜିଲା ଚିକିତ୍ସାଳୟ ମୁଖ୍ୟ ଫାଟକ ବନ୍ଦ

ଅନୁଗୋଳ ଅଫିସ, ୧୫।୪

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଫାଟକକୁ ଶନିବାର ବନ୍ଦ କରାଯାଇଛି। ଡ୍ରେନ୍ କାର୍ଯ୍ୟ ପାଇଁ କିଛିଦିନ ପର୍ଯ୍ୟନ୍ତ ଫାଟକ ବନ୍ଦ ରହିବ ବୋଲି ମେଡିକାଲ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ମେଡିକାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ପଛପାର୍ଶ୍ୱ ଫାଟକ ଦେଇ ଯାତାୟାତ କରିବେ ବୋଲି ଜଣାପଡ଼ିଛି। ଏ ନେଇ ମେଡିକାଲ ପ୍ରଶାସନ ପକ୍ଷରୁ ମୁଖ୍ୟ ଫାଟକରେ ଏକ ନୋଟିସ୍ ମରାଯାଇଛି।

ପ୍ରକାଶ ଯେ, ମେଡିକାଲ ମୁଖ୍ୟ ଫାଟକ ସମ୍ମୁଖରେ ଡ୍ରେନ୍ ସମସ୍ୟା ରହିଥିଲା। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ବିଭିନ୍ନ ସମୟରେ ଅଟକି ଯାଉଥିଲା। ଏପରିକି ବର୍ଷା ପାଣି ମଧ୍ୟ ଠିକ୍ ଭାବେ ନିଷ୍କାସନ ହୋଇପାରୁ ନ ଥିଲା। ଶୁକ୍ରବାର ଜିଲା ପ୍ରଶାସନର ସ୍ପେଶାଲ ସ୍କ୍ୱାଡ୍ ଉପଜିଲାପାଳଙ୍କ ସହ ବଜାରର ବିଭିନ୍ନ ସ୍ଥାନ, ସ୍ଥିତି ଅନୁଧ୍ୟାନ କରିବା ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସମସ୍ୟା ନେଇ ସେମାନଙ୍କ ଦୃଷ୍ଟି ଗୋଚର କରିଥିଲେ। ଏହାପରେ ସେଠାରେ ଡ୍ରେନ୍ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପୌର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତେଣୁ ଉକ୍ତ ଫାଟକକୁ ବନ୍ଦ କରାଯାଇ ଡ୍ରେନ୍ ନିର୍ମାଣ କରାଯିବ। ଏହି କାର୍ଯ୍ୟ ସରିବା ପର୍ଯ୍ୟନ୍ତ ମେଡିକାଲର ମୁଖ୍ୟ ଫାଟକ ବନ୍ଦ ରହିବ ବୋଲି ମେଡିକାଲ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଫାଟକ ବନ୍ଦ କରାଯାଇ ଡ୍ରେନ୍ କାମ ହେଉଛି।

## ଚୋରା କୋଇଲା ଜବତ, ଜଣେ ଗିରଫ

ଅନୁଗୋଳ ଅଫିସ, ୧୫।୪

ଅନୁଗୋଳ ଜିଲା ଗୋପାଳପ୍ରସାଦ ଥାନା ଅଞ୍ଚଳରେ ଏକ ଚୋରା କୋଇଲା ଗାଡ଼ିକୁ ପୋଲିସ ଜବତ କରିଛି। ଏଥିସହ ଗୋପାଳପ୍ରସାଦ ଥାନା ବାଘବାସପୁରର ଚଗଲା ଭୋଇ(୨୮)ଙ୍କୁ ଗିରଫ କରାଯାଇଛି। ପୋଲିସ କହିଛି, ଗୋପାଳପ୍ରସାଦ ଥାନା ଏସ୍‌ଆଇ ସୁଦର୍ଶନ ନାଏକ ପାଟ୍ରୋଲିଂ କରୁଥିବା ସମୟରେ ଚୋରାରେ କୋଲିଲା କାରବାର ହେଉଥିବା ନେଇ ସୂଚନା ପାଇଥିଲେ। କୁମଣ୍ଡ ଅଞ୍ଚଳରେ ଉକ୍ତ ଗାଡ଼ି (ନଂ. ଓଡି ୧୯ ୱାଇ- ୯୧୧୧)କୁ ଅଟକାଇ ଯାଞ୍ଚ କରିଥିଲେ। ଉକ୍ତ ଗାଡ଼ିରେ ଏକ ଟନ୍ କୋଇଲା ଚାଲାଣ ହେଉଥିବା ପୋଲିସ ଜାଣିବାକୁ ପାଇଥିଲା। ଗାଡ଼ିକୁ ଥାନାକୁ ଆଣି ଅଧିକ ତଦନ୍ତ ବେଳେ ଚୋରା କୋଇଲା ଚାଲାଣ ସମ୍ପର୍କରେ ଗାଡ଼ି ମାଲିକ ସ୍ୱୀକାର କରିଥିଲେ। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ନାଲ୍‌କୋରେ ଆମ୍ବେଡକର ଜୟନ୍ତୀ

ବଅଁରପାଳ, ୧୫।୪ (ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍‌କୋନଗର ଆମ୍ବେଡକର ପାର୍କଠାରେ ବାବାସାହେବ ଡ. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାଲ୍‌କୋ (ଏସଆଣ୍ଡପି) ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଭୀମସେନ ପ୍ରଧାନ, ସ୍ମେଲଟର ଜିଏମ୍ କେ. ବି. ସ୍ୱାଇଁ, ଜିଜିଏମ୍ ଓଆଣ୍ଡଏମ୍ ଏମ୍. ଆର୍. ଆଚାର୍ଯ୍ୟ, ସିପିପି ଏଜିଏମ୍ ସୁନୀଲ ମହାପାତ୍ର, ଅଫିସର ଆସୋସିଏଶନ ସଭାପତି ବନମାଳୀ ସେଠୀ, ସାଧାରଣ ସମ୍ପାଦକ ନଳିନୀ ପଣ୍ଡା, ନେସ୍ ସମ୍ପାଦକ ନିର୍ମଳ ସାମଲ, ମନୋଜ ସ୍ୱାଇଁ, ନେପୁ କାର୍ଯ୍ୟକର୍ତ୍ତା ବୈରାଗୀ ସେଠ, ଏସ୍‌ସିଏସ୍‌ଟି କର୍ମଚାରୀ କଲ୍ୟାଣ ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସେହିପରି ବଅଁରପାଳ ବାବା ସାହେବ ଫାଉଣ୍ଡେଶନ ପକ୍ଷରୁ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଦସ୍ୟ ଗୋପାଳ ନାୟକ, କୁମାର ନାୟକ, ଶିବା ନାୟକ, ଅଶୋକ ନାୟକ, ରିନ୍ଟୁ ନାୟକ, ଲୋକନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଆମ୍ବେଡକର ପାର୍କଠାରେ ଥିବା ପ୍ରତିମୂର୍ତ୍ତି ନିକଟରେ ଜୟନ୍ତୀ ପାଳନ କରାଯାଉଛି।

## ବୈଠକରେ ବିବାଦର ସମାଧାନ

ଛେଣ୍ଡିପଦା,୧୫।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଶା ଶିଳ୍ପାଞ୍ଚଳ ଥାନା ଅଧୀନ ରାଇଝରଣ ଗ୍ରାମରେ ଥିବା ବି-୧ କୋଲ୍ ବ୍ଲକକୁ ନେଇ ବିପକ୍ଷବାଦୀ ଓ ସପକ୍ଷବାଦୀଙ୍କ ମଧ୍ୟରେ କିଛିଦିନ ହେଲା ବିବାଦ ଦେଖାଦେଇଥିଲା। ଏ ନେଇ ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। ଶନିବାର ପୋଲିସ ପକ୍ଷରୁ ଭଦ୍ରଲୋକଙ୍କ ଉପସ୍ଥିତିରେ ଉଭୟପକ୍ଷଙ୍କୁ ବସାଇ ବୈଠକ କରାଯିବା ପରେ ବିବାଦର ସମାଧାନ ହୋଇଛି।

ପ୍ରକାଶ ଯେ, କୋଲ ବ୍ଲକକୁ ନେଇ ଜମି ହରାଉଥିବା କ୍ଷତିଗ୍ରସ୍ତ ବଳରାମ ଗୋଚ୍ଛାୟତ, ସାଗର ଗୋଚ୍ଛାୟତ ଓ ବିଶ୍ୱମ୍ଭର ନାଏକଙ୍କ ସମେତ ବହୁ ପ୍ରଜା ଗତ ୧୧ ତାରିଖରେ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ସେମାନେ ଦର୍ଶାଇଥିଲେ, ଏହି କୋଲ ବ୍ଲକ ଯୋଗୁ ରାଇଝରଣ ପଞ୍ଚାୟତର ସିତରାସାହି, ହରିଜନସାହି ଓ ଗୋଚ୍ଛାୟତସାହିର ପ୍ରାୟ ୩ଶହରୁ ଅଧିକ ଲୋକ କ୍ଷତିଗ୍ରସ୍ତ ହେଉଛନ୍ତି। କିନ୍ତୁ ଠିକା କମ୍ପାନୀ ପକ୍ଷରୁ କ୍ଷତିଗ୍ରସ୍ତଙ୍କ ଦାବି ପୂରଣ କରାଯାଉ ନାହିଁ। ହେଲେ କ୍ଷତିଗ୍ରସ୍ତମାନେ ଏହି ଅଭିଯୋଗ ଦେଇ ଆସିବା ପରେ ରାଇଝରଣ ଗ୍ରାମର କେତେଜଣ କ୍ଷତିଗ୍ରସ୍ତ ସୋସିଆଲ ମିଡିଆରେ ନାନା କଟୁ ମନ୍ତବ୍ୟ ଦେଇଥିଲେ। ଏ ନେଇ ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଯାଇଥିବା କ୍ଷତିଗ୍ରସ୍ତମାନେ ନିଶା ଶିଳ୍ପାଞ୍ଚଳ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରିବା ସହିତ ଗ୍ରାମରେ ଶାନ୍ତି ବଜାୟ ରଖିବା ପାଇଁ କହିଥିଲା। ଏହାପରେ ଶନିବାର ଉଭୟପକ୍ଷ ଓ ଭଦ୍ର ଲୋକଙ୍କ ଉପସ୍ଥିତିରେ ବୈଠକ କରି ବିବାଦର ଆପୋସ ସମାଧାନ କରିଥିଲା।

## ରାଜପଥ କାର୍ଯ୍ୟ ତଦାରଖ କଲେ ବିଧାୟକ

ବଇଣ୍ଡା,୧୫।୪(ଡି.ଏନ.ଏ.)

କିଶୋରନଗର ବ୍ଲକ ଜାମୁନାଳୀଠାରୁ ବାମୁର ପର୍ଯ୍ୟନ୍ତ ହେଉଥିବା ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଶନିବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ତଦାରଖ କରିଛନ୍ତି। କିଛିଦିନ ପୂର୍ବେ ବଇଣ୍ଡା ଗ୍ରାମବାସୀ ଜାତୀୟ ରାଜପଥ ନିର୍ମାଣ ନିମ୍ନମାନର ସହ ବଇଣ୍ଡାରେ ବହୁ ବିଳମ୍ବ ଓ ଅନେକ କାର୍ଯ୍ୟ କରାଯାଉ ନ ଥିବା ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ଶନିବାର ନାକିଚି ଡାକ ବଙ୍ଗଳା ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ, ଜାତୀୟ ରାଜପଥ ଭୂ-ଅର୍ଜନ ଅଧିକାରୀ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ଗ୍ରାମ ସଭାପତି ରାଜକୁମାର ଆଗ୍ରୱାଲା, ରମେଶ ଟିବ୍ରୁୱାଲା, ପ୍ରତାପ ପ୍ରଧାନ, ମାନସ ସାହୁ, ରମେଶ ବେହେରା, ସଞ୍ଜୟ ସାହୁ, ଜିତେନ୍ଦ୍ର ବେହେରା, ଲକ୍ଷ୍ମୀଧର ବେହେରାଙ୍କ ସମେତ ବହୁତ ଗ୍ରାମବାସୀ ଏବଂ ଜାତୀୟ ରାଜପଥ କାର୍ଯ୍ୟ କରୁଥିବା ଠିକାସଂସ୍ଥା କର୍ମଚାରୀମାନେ ଯୋଗ ଦେଇଥିଲେ। ବଇଣ୍ଡା ଅଞ୍ଚଳରେ ବହୁ ସମସ୍ୟା ଥିଲେ ମଧ୍ୟ ଠିକାସଂସ୍ଥା କାର୍ଯ୍ୟ କରୁ ନ ଥିବା ଯୋଗୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପରେ ବିଧାୟକ ଓ ଅଧିକାରୀମାନେ ବଇଣ୍ଡା ଅଞ୍ଚଳରେ କାର୍ଯ୍ୟ ସମୀକ୍ଷା କରିଥିଲେ। ଫ୍ଲାଏ ଓଭର ବ୍ରିଜରେ ୩ଟି ପୁସିଂ ବ୍ରିଜ ନିର୍ମାଣ ସହ ପାଣି ମାହାର ନିକଟରେ କିପରି ପୋଲ ନିର୍ମାଣ ହେବ ସେ ନେଇ ଗ୍ରାମବାସୀ ଦାବି କରିଥିଲେ। ଶୀଘ୍ର ସମସ୍ୟାର ସମାଧାନ ପାଇଁ ବିଧାୟକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ବିଧାୟକ ରମେଶ ଚନ୍ଦ୍ର ସାଏ ରାଜପଥ କାର୍ଯ୍ୟ ତଦାରଖ କରୁଛନ୍ତି।

## ଓଡ଼ିଆ ନବବର୍ଷରେ ଭ୍ରାମ୍ୟମାଣ ଯଜ୍ଞ

ଛେଣ୍ଡିପଦା,୧୫।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନୂଆଗାଁଠାରେ ଶୁକ୍ରବାର ଗ୍ରାମବାସୀଙ୍କ ସହଯୋଗରେ ଏକ ଭିନ୍ନ ଢଙ୍ଗରେ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ନୂଆଗାଁ ସୁରଭି ଗୋଶାଳା ପକ୍ଷରୁ ନୂଆଗାଁଠାରେ ଏକ ଭ୍ରାମ୍ୟମାଣ ଯଜ୍ଞ କରାଯାଇ ଗ୍ରାମ ପରିକ୍ରମା ସହିତ ବିଶ୍ୱଶାନ୍ତିର ବାର୍ତ୍ତା ପ୍ରେରଣ କରାଯାଇଥିଲା। ଗ୍ରାମର ମହିଳାମାନେ ଘର ସମ୍ମୁଖ ଲିପା ପୋଛା କରି ଝୋଟି ପକାଇ କଳସ ସ୍ଥାପନ କରି ଭ୍ରାମ୍ୟମାଣ ଯଜ୍ଞ କୁଣ୍ଡକୁ ବନ୍ଦାପନା କରିଥିଲେ। ଏହି ଯଜ୍ଞ କୁଣ୍ଡ ଗ୍ରାମ ପରିକ୍ରମା କରି ହାଟପଦା ଠାରେ ପହଞ୍ଚିଥିଲା। ସେଠାରେ ଗ୍ରାମର ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ସୁରଭି ଗୋଶାଳାର ମୁଖ୍ୟ ବାବା ଅଲେଖ ଦାସଙ୍କ ନେତୃତ୍ୱରେ ହୋଇଥିବାବେଳେ ବାବା ଅଜୟ ଦାସ, ଜିତେନ୍ଦ୍ର ସାହୁ, ବୁଲୁ ବାବା, ମୋତିଲାଲ ଆର୍ଯ୍ୟଙ୍କ ସମେତ ବହୁ ସାଧୁସନ୍ଥ, ରାଷ୍ଟ୍ରୀୟ ସ୍ୱୟଂ ସେବକର କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।


ଭ୍ରାମ୍ୟମାଣ ଯଜ୍ଞ ଗ୍ରାମ ପରିକ୍ରମା କରୁଛି।

## ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ

କଣିହାଁ,୧୫।୪(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ୫୫ନଂ. ଜାତୀୟ ରାଜପଥର ତାରିଣୀ ମନ୍ଦିର ଛକଠାରେ ଶୁକ୍ରବାର ସ୍ଥାନୀୟ ଅଞ୍ଚଳର ଯୁବ ଶିଳ୍ପ ଉଦ୍ୟୋଗୀ ଭରତ କୁମାର ସାହୁଙ୍କ ଦ୍ୱାରା ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ବ୍ୟବସ୍ଥା କରାଯାଇଛି। ୭ ଲକ୍ଷ ଟଙ୍କା ବ୍ୟୟରେ ଏହି ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଯୁବ ଶିଳ୍ପ ଉଦ୍ୟୋଗୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ନିଆଲୁ ଗ୍ରାମର ସାମାଜିକ କର୍ମୀ ସୁଫଳା ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଖଣ୍ଡଳମଣି ମନ୍ଦିରର ମୁଖ୍ୟ ଉପଦେଷ୍ଟା ଆକୁଳ ପଣ୍ଡା, ଓଏଚପିସିର ବରିଷ୍ଠ ସାଧାରଣ ପରିଚାଳକ ରୁଦ୍ରମୋହନ ନାୟକ, ରେଙ୍ଗାଳି ଥାନା ଅଧିକାରୀ ଓନାମ ଲାକ୍ରା, ଜିଲା ପରିଷଦ ଉପାସଭାପତି ରଶ୍ମିତା ସେଠୀ, ପୂର୍ବତନ ଜିଲାପରିଷଦ ସଦସ୍ୟ ସରୋଜ ସାହୁ, ସୁଜାତା ନାଏକ, ସାମାଜିକ କର୍ମୀ ଦଣ୍ଡଧର ବିଶ୍ୱାଳ, ରେଙ୍ଗାଳି ଗ୍ରାମ ସଭାପତି ଡ. ନିରଞ୍ଜନ ସାମଲ, କରୁଣାକର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଧ୍ରୁବ ଚରଣ ଧୀର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅସହାୟ ଗରିବ ବୃଦ୍ଧାଙ୍କୁ ବସ୍ତ୍ର ଏବଂ ସମସ୍ତ ଜନସାଧାରଣଙ୍କୁ ବେଲପଣା ବଣ୍ଟନ କରାଯାଇଥିଲା। ମା' ତାରିଣୀ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ଜଳ ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବ ଉଦ୍ୟୋଗୀଙ୍କ ସହ ଅତିଥିମାନେ।

## ଗଠନମୂଳକ କାର୍ଯ୍ୟ କରିବାକୁ ଆହ୍ୱାନ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଅଫିସ, ୧୫।୪

ଅନୁଗୋଳ ଅମଲାପଡ଼ା ବାସନ୍ତୀ ପାଠାଗାର ପରିସରରେ ଅନୁଗୋଳ ଓ ଢେଙ୍କାନାଳ ଜିଲାର ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କ ପକ୍ଷରୁ ବିଷୁବ ମିଳନ ସମାରୋହ ଆୟୋଜିତ ହୋଇଯାଇଛି। ତାଳଚେର-ମେରାମଣ୍ଡଳୀ-ଅନୁଗୋଳ ଉନ୍ନୟନ କର୍ତ୍ତୃପକ୍ଷ (ଟାମଡା)ର ପୂର୍ବତନ ଅଧ୍ୟକ୍ଷ ଶକ୍ତି ପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଅବସର ପରେ କର୍ମଚାରୀମାନେ ନିଜକୁ ଦୁର୍ବଳ ନ ଭାବି ମାଟି ମା' ଓ ସମାଜ ପାଇଁ କିଛି ଗଠନମୂଳକ କାର୍ଯ୍ୟ କରିବାକୁ ଆଗେଇ ଆସନ୍ତୁ ବୋଲି ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ସରୋଜ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ସମାରୋହରେ ଅବସରପ୍ରାପ୍ତ ଡାକ ଅଧୀକ୍ଷକ ବିଜୟ କୁମାର ଦାସ, ଡାକ ପ୍ରେସ୍ ମ୍ୟାନେଜର ଜୀବନ ସାହୁ, ଉପଅଧୀକ୍ଷକ ଗତିକୃଷ୍ଣ ଦାଶ, ପୋଷ୍ଟମାଷ୍ଟର ବାଳକୃଷ୍ଣ ଭୋଇ, ଡେପୁଟି ପୋଷ୍ଟମାଷ୍ଟର ବଟକୃଷ୍ଣ ନାଏକ, ଆକାଉଣ୍ଟସ ଅଫିସର ଅଶ୍ୱିନୀ ସ୍ୱାଇଁଙ୍କ ସମେତ ଅନୁଗୋଳ ପୋଷ୍ଟମାଷ୍ଟର ମମତା ପଣ୍ଡା ଓ ଡାକ ନିରୀକ୍ଷକ କୁଶଳ ମାହାଲି ଏବଂ ଉଭୟ ଜିଲାର ଶତାଧିକ କର୍ମଚାରୀ ଏଥିରେ ଉପସ୍ଥିତ ଥିଲେ।

## ଚନ୍ଦନ ଯାତ୍ରା ସମ୍ପର୍କରେ ଆଲୋଚନା

ବଇଣ୍ଡା,୧୫।୪ (ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡାଠାରେ ପ୍ରସିଦ୍ଧ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଗୁରୁବାର ରାତିରେ ବଇଣ୍ଡା ରାଧାକୃଷ୍ଣ ମନ୍ଦିରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ରାଜ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ରମେଶ ଟିବ୍ରୁୱାଲା, ରମେଶ ସାହୁ, ପ୍ରଶ୍ନ ବେହେରା, ମହେଶ ସାହା, ବିରଞ୍ଚି ମହାପାତ୍ର, ହେମନ୍ତ ବେହେରା, ଚନ୍ଦନ ଶର୍ମା, ରାଜା ଶର୍ମାଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। କିଭଳି ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିସହ ନୂତନ ଯାତ୍ରା କମିଟି ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରତାପ ପ୍ରଧାନ, ଉପସଭାପତି ଭାବେ ମାନସ ସାହୁ, ଅନ୍ତର୍ଯ୍ୟାମୀ ବେହେରା, ସମ୍ପାଦକ ଭାବେ ଅରବିନ୍ଦ ସାହୁ, ସହ ସମ୍ପାଦକ ଭାବେ ଗିରୀଶ ଚନ୍ଦ୍ର ବେହେରା, ସଞ୍ଜୟ ସାହୁ, କୋଷାଧ୍ୟକ୍ଷ ଭାବେ ବିନୀତ ସାହା, ଶୁଭେନ୍ଦୁ ମୋହନ ସାହୁଙ୍କୁ ଚୟନ କରାଯାଇଛି।


ବୈଠକରେ ଉପସ୍ଥିତ ଗ୍ରାମବାସୀ।

## ଚିନ୍ମୟ କର୍ଣ୍ଣଙ୍କୁ ସମ୍ବର୍ଦ୍ଧନା

ମାଧପୁର, ୧୫।୪

ସାମାଜିକ ଅନୁଷ୍ଠାନ ଆସୋସିଏଶନ ଅଫ୍ ଟୁଇଟର ଆକ୍ଟିଭିଟି ପକ୍ଷରୁ ୧୧ ତାରିଖରେ ପୁରୀର ସଂସ୍କୃତି ଭବନଠାରେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକର ଚିନ୍ମୟ କର୍ଣ୍ଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚିନ୍ମୟ ଟୁଇଟର ମାଧ୍ୟମରେ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଆବାସ, ଗମନାଗମନ, ରାଶନ ଓ ବିଦ୍ୟୁତ୍ ଆଦି ସମସ୍ୟା ନେଇ ଲୋକେ ଭୋଗୁଥିବା ଅସୁବିଧାକୁ ଟୁଇଟ୍ ମାଧ୍ୟମରେ ପ୍ରଶାସନ ନିକଟରେ ପହଞ୍ଚାଇଥାନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ପୁରୀ ଅତିରିକ୍ତ ଜିଲାପାଳ କୈଳାସ ନାୟକ ଚିନ୍ମୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏ ସମ୍ପର୍କରେ ଚିନ୍ମୟ କହିଛନ୍ତି, ଅନୁଗୋଳ ଜିଲା ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇ ସମ୍ମାନିତ କରାଯାଇଥିବାରୁ ଗର୍ବ ଅନୁଭବ କରୁଛି। ଏହି ସମ୍ବର୍ଦ୍ଧନା ଅଧିକ କାମ କରିବାକୁ ଉତ୍ସାହ ଦେଇଛି।


ସାମାଜିକ ଅନୁଷ୍ଠାନ ପକ୍ଷରୁ ଚିନ୍ମୟଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଭୋଟ ଦେଲେ ୬୬ ଆଇନଜୀବୀ

ଆଠମଲ୍ଲିକ, ୧୫।୪ (ଡି.ଏନ.ଏ.)

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ୨୫ ଜଣିଆ ସଭ୍ୟପଦ ପାଇଁ ଶନିବାର ଆଠମଲ୍ଲିକ ସିଭିଲ କୋର୍ଟ ପରିସରରେ ଭୋଟ ଗ୍ରହଣ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଏସଡିଜେଏମ ମାନସୀ ପ୍ରଧାନ ପୋଲିଙ୍ଗ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନିର୍ବାଚନ ପ୍ରକ୍ରିୟାରେ ସହଯୋଗ କରିବାକୁ ନାଜର ସୌମେନ୍ଦ୍ର ଦେବତା, ଲୋକନାଥ ଥାନପତି ଓ ଗଣେଶ ଦାସ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟପଦ ପାଇଁ ସମୁଦାୟ ୯୬ ଜଣ ଆଇନଜୀବୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଥିବା ଜଣାପଡିଛି। ଆଠମଲ୍ଲିକରୁ ସମୁଦାୟ ୭୭ ଜଣ ମତଦାତା (ଆଇନଜୀବୀ)ଙ୍କ ମଧ୍ୟରୁ ୬୬ ଜଣ ସେମାନଙ୍କ ମତଦାନ କରିଥିବା ଜଣାଯାଇଛି। ଭୋଟ ଗ୍ରହଣ ପୂର୍ବାହ୍ନ ୧୦ ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ ଟାରେ ସମାପ୍ତ ହୋଇଥିଲା।

## ଅଧିକ ଆବାସ ଦାବିକଲା ଭାଜପା

ଅନୁଗୋଳ ଅଫିସ, ୧୫।୪

ଏକ ଦିନିକିଆ ଗସ୍ତରେ ଶୁକ୍ରବାର ଅନୁଗୋଳ ଆସିଥିବା କେନ୍ଦ୍ର ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଭେଟି ଅନୁଗୋଳ ଜିଲାକୁ ଅଧିକ ଆବାସ ଓ ପାଲଲହଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ଭିତ୍ତିଭୂମି ଉନ୍ନତି ପାଇଁ ଅଧିକ ଅର୍ଥ ଦାବି କରିଛନ୍ତି ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି। ଦାବିପତ୍ରରେ ମହାନ୍ତି ଦର୍ଶାଇଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ବ୍ୟାପକ ହେରଫେର୍ କରାଯାଇଥିବାରୁ ଅଯୋଗ୍ୟ ଲୋକଙ୍କୁ ଆବାସ ମିଳିଥିବା ବେଳେ ବହୁସଂଖ୍ୟାରେ ଯୋଗ୍ୟ ହିତାଧିକାରୀ ବାଦ ପଡ଼ିଛନ୍ତି। ଏଣୁ ଜିଲାକୁ ଅଧିକ ଆବାସ ଯୋଗାଇ ଦିଆଗଲେ ଗରିବ ଲୋକେ ଉପକୃତ ହୋଇପାରିବେ। ସେହିପରି ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଥିବା ବିଭିନ୍ନ ଗାଁ ରାସ୍ତା, ଜଳାଶୟ. ଖେଳପଡିଆ, ଆଡିବନ୍ଧ ଆଦିର ନିର୍ମାଣ ପାଇଁ ଅଧିକ ଅର୍ଥର ଆବଶ୍ୟକତା ଅଛି। କେନ୍ଦ୍ର ସରକାରଙ୍କ ଅର୍ଥକୁ ଏଠାରେ ଅପବ୍ୟବହାର କରାଯାଉଛି। ସରକାରଙ୍କ ଗାଇଡଲାଇନକୁ ଉଲ୍ଲଂଘନ କରାଯାଇ କାମ ହେଉଛି। ଶ୍ରମିକ ବଦଳରେ ମେସିନ ଲଗାଯାଉଛି। ଆବଶ୍ୟକତା ନ ଥିବା ସ୍ଥାନରେ କାମ କରାଯାଉଛି। ତେଣୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହାର ସତନ୍ତ୍ର ଭାବରେ ତଦାରଖ ସହ ଅଧିକ ଅର୍ଥ ପ୍ରଦାନ କରାଯିବାକୁ ମହାନ୍ତି ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ପ୍ରଧାନ, ଅଗସ୍ତି ବେହେରା, ଦିଲୀପ ପ୍ରଧାନ, ଯଯାତି ପଟ୍ଟନାୟକ, ସାଧାରଣ ସମ୍ପାଦକ ସୁଦୀପ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।


କେନ୍ଦ୍ରମନ୍ତ୍ରୀଙ୍କୁ ଭାଜପା ନେତାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ହନୁମାନ ଜୟନ୍ତୀ ପାଳନ

ଛେଣ୍ଡିପଦା,୧୫।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପରଙ୍ଗ ଗ୍ରାମରେ ହନୁମାନଙ୍କ ୭ମ ବାର୍ଷିକ ଜୟନ୍ତୀ ଗ୍ରାମ କମିଟି ସଭାପତି ବାସୁଦେବ ପାତ୍ରଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଶୃଙ୍ଖଳାର ସହ ଏହି ଧାର୍ମିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷରେ ସମସ୍ତଙ୍କ ମଙ୍ଗଳକାମନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପରଙ୍ଗ ସରପଞ୍ଚ ଶବର ବେହେରା, ସମିତିସଭ୍ୟା ସୁଜାତାରାଣୀ ନାଏକ, ଲକ୍ଷ୍ମୀକନ୍ତ ସାହୁ, କନ୍ଦର୍ପ ସାହୁ, ବିନୋଦ ବିହାରୀ ନାୟକ ଓ ରୁଦ୍ରମୋହନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗ୍ରାମର ମହିଳାଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ରାସ୍ତା ତଳକୁ ଖସିଲା ବସ୍




**କାମାକ୍ଷାନଗର, ୧୫।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବିଜାଡ଼ିହ ନିକଟରେ ଶନିବାର ସକାଳ ସାଢ଼େ ୬ଟାରେ 'ରୋଡ୍‌ମାଷ୍ଟର' ନାମକ ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ପାଲଲହଡ଼ାରୁ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଏଥିରେ କାହାରି କୌଣସି କ୍ଷତି ହୋଇନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଏକ ବାଛୁରିକୁ ବଞ୍ଚାଇବାକୁ ଯାଇ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ବସ୍‌ଟି ରାସ୍ତା ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ପରେ ଯାତ୍ରୀମାନେ ନିଜ ନିଜ ସୁବିଧା ଅନୁଯାୟୀ ଗନ୍ତବ୍ୟସ୍ଥଳକୁ ଯାଇଥିଲେ।

### ଆମ୍ବତୋଟାରୁ ମୃତଦେହ ଜବତ

**ଢେଙ୍କାନାଳ ଅଫିସ, ୧୫।୪:** ଢେଙ୍କାନାଳ ସଦର ଥାନା କାଇମାଟି ପଞ୍ଚାୟତ ଲୋଚାପଲ୍ଲି ଗ୍ରାମ ନିକଟ ଆମ୍ବତୋଟାରୁ ଶନିବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ମୃତଦେହ ନିକଟରେ ୨ଟି ଗ୍ଲାସ, ଏକ କୀଟନାଶକ ବୋତଲ, ପାଣି ବୋତଲ, ଚପଲ, ଶାର୍ଟ ଏବଂ ପ୍ୟାଣ୍ଟ ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ପାଇ ସଦର ଥାନା ପୋଲିସ ସାଇଣ୍ଟିଫିକ୍ ଦଳ ସହ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ନଂ. ୧୬/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତେବେ ଏହା ହତ୍ୟା କି ଆତ୍ମହତ୍ୟା ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଅଗ୍ନିକାଣ୍ଡରେ ୫ ବଖରା ଛାରଖାର



**କାମାକ୍ଷାନଗର, ୧୫।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅଁଳାବେରେଣୀ ଦଳିତ ସାହିରେ ଶନିବାର ଅଗ୍ନିକାଣ୍ଡ ଘଟି ବିଷ୍ଣୁ ନାଏକ, ଭୀମସେନ ନାଏକଙ୍କ ୫ ବଖରା ଘର ଛାରଖାର ହୋଇଯାଇଛି। ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ, କୌଣସି ସାମଗ୍ରୀ ଉଦ୍ଧାର କରିବା ସମ୍ଭବପର ହୋଇ ନ ଥିଲା। କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବିପନ୍ନ ପରିବାର ପିନ୍ଧାଲୁଗାକୁ ବାଦ୍‌ଦେଲେ ସବୁକିଛି ହରାଇଛନ୍ତି। କ୍ଷତିଗ୍ରସ୍ତ ପରିବାର ସର୍ବସ୍ୱ ହରାଇ ଖୋଲା ଆକାଶ ତଳେ ଥିବାବେଳେ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ସାହିବାସୀ ଦାବି କରିଛନ୍ତି।

# 'ସମସ୍ତଙ୍କ ଉଦ୍ୟମରେ ସ୍କୁଲ ଉନ୍ନତି ସମ୍ଭବ'

**ମୋ ସ୍କୁଲ ଅଭିଯାନ ପୁରାତନ ଛାତ୍ରୀଛାତ୍ର ସମ୍ମିଳନୀ**

**ଢେଙ୍କାନାଳ ଅଫିସ, ୧୫।୪**

ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ହାଇସ୍କୁଲରେ ଶନିବାର ମୋ ସ୍କୁଲ ଅଭିଯାନର ଜିଲାସ୍ତରୀୟ ପୁରାତନ ଛାତ୍ରୀଛାତ୍ରଙ୍କ ସମ୍ମିଳନୀ ଓ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମସ୍ତଙ୍କ ଉଦ୍ୟମ ଦ୍ୱାରା ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସମ୍ଭବ। ଏଥିଲାଗି ଅର୍ଥ, ଦ୍ରବ୍ୟ ଓ ସେବା ପ୍ରଦାନ ପୂର୍ବକ ଆଗେଇ ଆସିବା ଉଚିତ। ମୋ ସ୍କୁଲ ଅଭିଯାନ ମାଧ୍ୟମରେ ଆଦାୟ ହେଉଥିବା ଅର୍ଥର ଦୁଇଗୁଣା ଅନୁଦାନ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ଏହାଦ୍ୱାରା ବିଦ୍ୟାଳୟର ଆବଶ୍ୟକତା ଅନୁଯାୟୀ ବହୁ ପ୍ରକଳ୍ପ କରିହେବ ବୋଲି ସେ କହିଥିଲେ।

ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଲେ, ସ୍କୁଲ ଚେହେରା ବଦଳୁଛି। ଶିକ୍ଷାୟତନରେ ରୂପାନ୍ତରଣର ଝଲକ ଦେଖିବାକୁ ମିଳୁଛି। ବ୍ୟୟବହୁଳ ଘରୋଇ ଇଂଲିଶ ମାଧ୍ୟମ ବିଦ୍ୟାଳୟଠାରୁ ସରକାରୀ ହାଇସ୍କୁଲ କ୍ୟାମ୍ପସ କୌଣସି ଗୁଣରେ କମ୍ ରହିବନି। ଛାତ୍ରୀଛାତ୍ରମାନେ ଅତ୍ୟାଧୁନିକ ଶିକ୍ଷା ଲାଭ କରିବେ। ଏହା ହିଁ ସବୁଠାରୁ ବଡ଼ କଥା। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ପୋଥିଗତ ବିଦ୍ୟାକୁ ବାଦ୍‌ଦେଇ ଯୁଗୋପଯୋଗୀ ଜ୍ଞାନ ଆହରଣ କରିବା ଲାଗି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ସୁଯୋଗ ଆଣିଛି। ପିଲାମାନେ ଉନ୍ନତ ଗ୍ରନ୍ଥାଗାର ସାଙ୍ଗକୁ ଡିଜିଟାଲ ଲାଇବ୍ରେରିରେ ପାଠପଢ଼ି ପାରୁଛନ୍ତି।

ଉତ୍ସବରେ ସଭାପତିତ୍ୱ କରି ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି କହିଲେ, ସ୍କୁଲରେ ବିଶୁଦ୍ଧ ପାନୀୟ ଜଳଠାରୁ ଆରମ୍ଭ କରି ସ୍ୱଚ୍ଛ ଶୌଚାଳୟ ବ୍ୟବସ୍ଥା ହୋଇଛି। ସବୁଜ ବଗିଚା, ୱାଟର ଫାଉଣ୍ଟେନ୍, ପାର୍କ, ପୋଷଣ ବଗିଚା, ଔଷଧ ବଗିଚା, ମୁକ୍ତ ବିଦ୍ୟାଳୟର ପ୍ରାକୃତିକ ପରିବେଶରେ ଶିକ୍ଷାଦାନ କରାଯାଉଛି। ରଙ୍ଗିନ ପାଚେରିରେ କ୍ୟାମ୍ପସ ଝଲସୁଛି। ବିଦ୍ୟାଳୟ ପରିବେଶ ଜ୍ଞାନର ଗନ୍ତାଘର ପାଲଟିଛି ବୋଲି ଜିଲା ଶିକ୍ଷାଧିକାରୀ କହିଥିଲେ।

ଜିଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିବା ପୁରାତନ ଛାତ୍ରୀଛାତ୍ରମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ୪ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ବିଜ୍ଞାନ ସୁପରଭାଇଜର ଲକ୍ଷ୍ମୀଧର ମହାନ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ବିଇଓ, ଶିକ୍ଷୟିତ୍ରୀ ଶିକ୍ଷକ, ମୋ ସ୍କୁଲ ଅଭିଯାନ କ୍ୟାମ୍ପେନ ଟିମ୍ ମୁଖ୍ୟ ଡ. ଦେବୀପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ ଉଦ୍‌ବୋଧନ ଦେଉଛନ୍ତି।


କାର୍ଯ୍ୟକ୍ରମରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଶ୍ମଶାନରେ ଚଣ୍ଡୀଯଜ୍ଞ

**ଢେଙ୍କାନାଳ ଅଫିସ, ୧୫।୪**

ଓଡ଼ାପଡ଼ା ବ୍ଲକ ଗୋବିନ୍ଦପ୍ରସାଦ ଗ୍ରାମ ଶ୍ମଶାନସ୍ଥିତ ମା' ଚଣ୍ଡୀଙ୍କ ଆସ୍ଥାନରେ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ପଞ୍ଚାନନ ମେଳା ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମା'ଙ୍କ ସୁନାବେଶ କରାଯାଇଥିବାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅଞ୍ଚଳବାସୀଙ୍କ ସହଯୋଗରେ ସନ୍ଧ୍ୟାରୁ ବିଳମ୍ବିତ ରାତି ୩ଟା ଯାଏ ପୂଜା ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରାଯାଇଥିଲା। ଅଖିଳ ମହାପାତ୍ର, ବାସୁଦେବ ସାମଲ ପ୍ରମୁଖ ପୂଜା ଆୟୋଜନରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘ ୫୨ ବର୍ଷ ଧରି ଗ୍ରାମବାସୀଙ୍କ ସହଯୋଗରେ ଶ୍ମଶାନ ଚଣ୍ଡୀଙ୍କ ବାର୍ଷିକପୂଜା ଆୟୋଜନ କରାଯାଉଛି। ମା'ଙ୍କ ମୂର୍ତ୍ତି ନ ଥିବାବେଳେ କେବଳ ଆସ୍ଥାନରେ ପୂଜା ଅନୁଷ୍ଠିତ ହେଉଛି। ସଂକ୍ରାନ୍ତିରେ ଆମିଷ ଭକ୍ଷଣ ନିଷିଦ୍ଧ କରାଯାଇଥାଏ। ବଳିପ୍ରଥା ନ ଥିବାରୁ ମାନସିକଧାରୀ ବୋଦା, କୁକୁଡ଼ା, ଗଞ୍ଜାକୁ ମା'ଙ୍କୁ ସମର୍ପଣ କରି ମୁକ୍ତ ଭାବେ ଛାଡ଼ି ଦେଇଥାଆନ୍ତି। ଏମାନଙ୍କ ରହିବା ପାଇଁ କମିଟି ତରଫରୁ ବନ୍ଦୋବସ୍ତ କରାଯାଇଛି।

# ଶଙ୍ଖବାଦନ, ଚିତ୍ରାଙ୍କନ ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୧୫।୪**

ବିଶ୍ୱ ଓଡ଼ିଶା ମହିଳା ପରିଷଦ, ବିଶ୍ୱ ଓଡ଼ିଶା ସମ୍ବେଦନା ଆନୁକୂଲ୍ୟରେ ବିଭିନ୍ନ ସ୍ଥାନରେ ଓଡ଼ିଆ ନବବର୍ଷ ମହୋତ୍ସବ ପାଳିତ ହୋଇଯାଇଛି। ବିଶ୍ୱ ଓଡ଼ିଶା ମହିଳା ପରିଷଦ ଅଧ୍ୟକ୍ଷା ବିଦ୍ୟୁତ୍‌ପ୍ରଭା ଦେବୀ, ବିଶ୍ୱ ଓ ସମ୍ବେଦନାର ଅଧ୍ୟକ୍ଷା ଡ. ସୁସନ୍ଧ୍ୟା ମହାନ୍ତି, ମୁଖ୍ୟ ସଂଯୋଜିକା ରଶ୍ମିତା ରାଉତଙ୍କ ତତ୍ତ୍ୱାବଧାନରେ ପାରମ୍ପରିକ ଝୋଟି, ହୁଳହୁଳି, ଶଙ୍ଖବାଦନ, ମେହେନ୍ଦି, ଚିତ୍ରାଙ୍କନ ପ୍ରତିଯୋଗିତା ସହ ପଣା ବଣ୍ଟନ କରାଯାଇଥିଲା। ଯୋରନ୍ଦାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରୂପମଞ୍ଜରୀ ପଟ୍ଟନାୟକ, ଶିକ୍ଷକ ପ୍ରେମାନନ୍ଦ ପାଣିଗ୍ରାହୀ, ସାମାଜିକ କର୍ମୀ ଅବିନାଶ ପଟ୍ଟନାୟକ, ଥିଙ୍କର୍ସ ଫୋରମ୍ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବଣସିଂହରେ ସ୍ୱର୍ଣ୍ଣପ୍ରଭା ରାଉଳ, ଛାୟାକାନ୍ତି ରାଉଳ, ଜ୍ୟୋତିର୍ମୟୀ ରାଉଳ, ନିରୁପମା ରାଉଳ, ସୌଭାଗିନୀ ବରାଳ, ଗଙ୍ଗାଧର ରାଉଳ, ନିରାକାର ରାଉଳ ପ୍ରମୁଖ ସହଯୋଗ କରିଥିଲେ। ତାଳବରକୋଟରେ କବୟିତ୍ରୀ ମଧୁସ୍ମିତା ରାଉତ ଏବଂ ଆମ୍ବପଡ଼ାଠାରେ ଜୟନ୍ତୀ ସାମଲଙ୍କ ନେତୃତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଫକୀରମୋହନ ସାହୁଙ୍କ ଆବାହକତ୍ୱ ଏବଂ ଦେବସ୍ମିତା ସାହୁଙ୍କ ପରିଚାଳନାରେ ଅଉଖମା ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦରେ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଭୁବନେଶ୍ୱର ସାଇବିହାରଠାରେ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ରାଉତଙ୍କ ନେତୃତ୍ୱରେ ଓ ଗଗନ ବିହାରୀ ବିଶ୍ୱାଳଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତାମାନେ।



ଢେଙ୍କାନାଳର କବି ଭୂଷଣ ମାର୍ଗଠାରେ କବିଭୂଷଣ ରାଜକିଶୋର ପଟ୍ଟନାୟକ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କବିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି।

# ଓଡ଼ିଆ ନବବର୍ଷ ପାଳିତ

**ଢେଙ୍କାନାଳ ଅଫିସ, ୧୫।୪**

'ଆମ ପ୍ରତିଭା ଆମ ସମ୍ମାନ' ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ସ୍ଥାନୀୟ କାର୍ଯ୍ୟାଳୟରେ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ସମର କବି ବ୍ରଜନାଥ ବଡଜେନାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲ। ଅପରାହ୍ନରେ କୋଷାଧ୍ୟକ୍ଷ ରୁଦ୍ରାନ୍ତ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଚେତନ ନାଗରିକ ଫୋରମ୍ ସମ୍ପାଦକ ଭରତ ଦାସ ଯୋଗଦେଇ ଓଡ଼ିଆ ନବବର୍ଷ ପାଳନର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର ସାହୁ, ସତ୍ୟନାରାୟଣ କର, ସଦାଶିବ ମହାପାତ୍ର, ସୁଶାନ୍ତ ମିଶ୍ର, ଶେଖର ସେଠୀ, ଶ୍ୟାମସୁନ୍ଦର ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ଦୁଷ୍ମନ୍ତ ମହାନ୍ତି, ନିଜୁ ଖାଁ, ଆନନ୍ଦିତା ମିଶ୍ର, ଆଲୋକ ରଥ, ମହେନ୍ଦ୍ର ସାହୁ, ଲିଆକତ୍ ଅଲ୍ଲି, ରାଜୁନ ଦାସ, ଜିତେନ୍ଦ୍ର ପରିଡ଼ା, ଜିତେନ୍ଦ୍ର ସିଠ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ 'ଆମ ପ୍ରତିଭା ଆମ ସମ୍ମାନ' ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ।

## ଆମ୍ବେଡକର ଜୟନ୍ତୀ

**କାମାକ୍ଷାନଗର, ୧୫।୪ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଉପଖଣ୍ଡ ପ୍ରଶାସନ ତରଫରୁ ଶୁକ୍ରବାର ବାବା ସାହେବ ଆମ୍ବେଡ଼କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସହକାରୀ ଜିଲାପାଳ ଦୀପକ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ଯୋଗଦେଇ କହିଲେ, ଦଳିତବର୍ଗଙ୍କ ଉନ୍ନତି ଲାଗି ବାବା ସାହେବ ଯେଉଁ କାର୍ଯ୍ୟ କରିଯାଇଛନ୍ତି, ତାହା ସବୁଦିନ ସ୍ମରଣୀୟ ହୋଇ ରହିବ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଡିଓ ବିକାଶ ମହାନ୍ତି, ସହକାରୀ ଜିଲାପାଳ ମଦନମୋହନ ଜେନା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କିରିଣୀ ନାୟକଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ରହି ବାବାସାହେବଙ୍କ କୀର୍ତ୍ତି ଓ କୃତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

# 'ମଧୁବିକାଶ' ଉନ୍ମୋଚିତ

**ଢେଙ୍କାନାଳ ଅଫିସ, ୧୫।୪**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଯାତ୍ରାପଡ଼ିଆ ନିକଟ ଶନିଶ୍ଚର ମଣ୍ଡପରେ ସାଗର ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ସଂସଦର ସଭାପତି ଜ୍ୟୋତିର୍ବିଦ୍ ଶ୍ରୀବତ୍ସ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରାଜକିଶୋର ରାଉତ, ସମ୍ମାନିତ ଅତିଥି ସରପଞ୍ଚ ଲଳିତା ସାହୁ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍ୱତନ୍ତ୍ର ବିଶେଷାଙ୍କ 'ମଧୁବିକାଶ' ଏବଂ କବି ଦୀପାଳି ଦ୍ୱିପାନ୍ୱିତା ସିଂଙ୍କ ପ୍ରଥମ ପୁସ୍ତକ 'ନୀଳ ଲହରିମାଳା' ଉନ୍ମୋଚିତ ହୋଇଥିଲା। 'ମଧୁବିକାଶ'ରେ ପ୍ରକାଶିତ ଶ୍ରେଷ୍ଠ କବିତା ପାଇଁ କବି ପ୍ରଶାନ୍ତ ସାହୁ, କବି ଦୀପାଳି ଦ୍ୱିପାନ୍ୱିତା ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି 'ମଧୁବିକାଶ' ପ୍ରକାଶନରେ ସହାୟତା କରିଥିବା ସାଲେପୁର ଅଞ୍ଚଳର କବି ସମରେନ୍ଦ୍ର ରଣା, ରଞ୍ଜିତ ମହାପାତ୍ର, ନିଶୀଥ ନିଶାଙ୍କ ଭୂୟାଁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ସହ ସମ୍ପାଦକ କାମାକ୍ଷା ପ୍ରସାଦ ବେହେରା, ସମ୍ପାଦକ ତ୍ରିଲୋଚନ ମହାରଣା, କବି ଧନେଶ୍ୱର ସେନାପତି, ଉପସଭାପତି ହେମନ୍ତ ନାୟକ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସ୍ୱରଚିତ କବିତା ପାଠ ଏବଂ ପଣା ବଣ୍ଟନ କରାଯାଇଥିଲା।



ଜଣେ କବିଙ୍କୁ ସମ୍ମାନିତ କରାଯାଉଛି।

# 'ଗାଁ ଲୋକଙ୍କୁ ମିଲେଟ୍‌ର ଉପକାରିତା ଜଣାଅ'

**ପୋଷଣ ପକ୍ଷ ପୁରସ୍କାର ବିତରଣ ଉତ୍ସବ**

**ଢେଙ୍କାନାଳ ଅଫିସ, ୧୫।୪**

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସମ୍ମିଳନୀ ସଭାଗୃହରେ ଶନିବାର ପୋଷଣ ପକ୍ଷ-୨୦୨୩ ଉପଲକ୍ଷେ ଜିଲାସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଗାଁ ଲୋକଙ୍କୁ ମିଲେଟ୍‌ର ଉପକାରିତା ଜଣାଇବା ଏବଂ ମାଣ୍ଡିଆଜାତୀୟ ଖାଦ୍ୟର ବ୍ୟବହାର ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମାରୋହରେ ଉପସ୍ଥିତ ୩୯ କୃତୀ ପ୍ରତିଯୋଗୀ ୧୦୦ ଜଣଙ୍କୁ ମାଣ୍ଡିଆ ଚାଷ କୌଶଳ ଶିଖାଇବା ଏବଂ ମିଲେଟ୍ ମିଶନ ବିଷୟରେ ସଚେତନ କରାଇବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ ମିଲେଟ୍‌ର ପୌଷ୍ଟିକ ଗୁଣ ଉପରେ ଆଲୋକପାତ କରିବା ସହ ଦୈନନ୍ଦିନ ଖାଦ୍ୟରେ ଏହାକୁ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସସ୍ମିତା ପାଲ ମାଣ୍ଡିଆର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିସହ ଜିଲାସ୍ତରୀୟ ପ୍ରତିଯୋଗିତାର ୯ କୃତୀ ଛାତ୍ରୀଛାତ୍ର, ୧୦ ଅଙ୍ଗନୱାଡି କର୍ମୀ, ୮ ସହାୟିକା, ୧୦ ସୁପରଭାଇଜର, ୨ ସିଡିପିଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମିଲେଟ୍ କାଫେରେ ମାଣ୍ଡିଆ ଜାତୀୟ ଖାଦ୍ୟର ପ୍ରଚାର ପ୍ରସାର କରୁଥିବା ଜିଲାର ୯ ଏସ୍ଏଚ୍‌ଜିକୁ ମଧ୍ୟ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ସିଆରିଆର ମା' ଆଦିଶକ୍ତି ପାଲା ପରିଷଦର ଗାୟିକା ହରିପ୍ରିୟା ସ୍ୱାଇଁ ଓ ସାଥୀ ମାଣ୍ଡିଆ ବିଷୟବସ୍ତୁ ଆଧାରିତ ପାଲା ପରିବେଷଣ କରିଥିଲେ। ଓଡ଼ାପଡ଼ା ସିଡିପିଓ ନିବେଦିତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପୌର ନିର୍ବାହୀ ଅଧିକାରୀ ତରୁଣ ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

# 'ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ବ୍ରଜନାଥ'

**୨୯୩ତମ ଜୟନ୍ତୀ ସମାରୋହରେ ମତ**

**ଢେଙ୍କାନାଳ ଅଫିସ, ୧୫।୪**

ଢେଙ୍କାନାଳ ସଦର ବ୍ଲକ ରାଧାଦେଇପୁରଠାରେ ବଡ଼ଜେନା ସାହିତ୍ୟ ସଂସଦ ଆନୁକୂଲ୍ୟରେ କବି ଚକ୍ରବର୍ତ୍ତୀ ବ୍ରଜନାଥ ବଡ଼ଜେନାଙ୍କ ୨୯୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ. ଦୁର୍ଗାମାଧବ ପୃଷ୍ଟି ଯୋଗଦେଇ କହିଲେ, ଓଡ଼ିଆ ଗଦ୍ୟ ସାହିତ୍ୟର ଅନ୍ୟତମ ସ୍ରଷ୍ଟା ବ୍ରଜନାଥ ବଡ଼ଜେନା ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ବ୍ରଜନାଥଙ୍କ ଉପରେ ହେଉଥିବା ଆଲୋଚନାକୁ ନେଇ ଏକ ପୁସ୍ତକ ରଚନା କରିବା ଏବଂ ଭିନ୍ନ ଭିନ୍ନ ସ୍ଥାନ ପରିବର୍ତ୍ତେ ଗୋଟିଏ ସ୍ଥାନରେ କବିଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ଆୟୋଜନ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ସଚ୍ଚିଦାନନ୍ଦ ପ୍ରଧାନ, ଦୁର୍ଯ୍ୟୋଧନ ମହାଳିକ ଉପସ୍ଥିତ ଥିଲେ।

ସଂସଦର ସଭାପତି ଶଙ୍କର୍ଷଣ ଶତପଥୀ, ଅନ୍ୟତମ ବକ୍ତା ବିପିନ ବିହାରୀ ପୃଷ୍ଟି, ଶିକ୍ଷାବିତ୍ ସୁଧାଂଶୁ ଶେଖର ରାଉତ, ଥିଙ୍କର୍ସ ଫୋରମ୍ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, ପ୍ରେମାନନ୍ଦ ପାଣିଗ୍ରାହୀ ପ୍ରମୁଖ ବ୍ରଜନାଥଙ୍କ ପାଇଁ ଢେଙ୍କାନାଳ ମାଟି ଗର୍ବିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଂସଦର ବାର୍ଷିକ ମୁଖପତ୍ର 'ବ୍ରଜମଲ୍ଲୀ', କବି ପ୍ରେମାନନ୍ଦ ରାଉତଙ୍କ କବିତା ସଙ୍କଳନ 'ତ୍ରିବେଣୀ', କବି ଶ୍ରୀବତ୍ସ ନାୟକଙ୍କ 'ଗୁମୁରି କାନ୍ଦୁଛି ଝରଣା ରାଣୀ', କବି ନୀରୋଦ ଚନ୍ଦ୍ର ସାମଲଙ୍କ 'ଭାବ ଭକ୍ତି କୈବଲ୍ୟ', ଲେଖକ ଗୋଲକ ବିହାରୀ ମହାନ୍ତିଙ୍କ 'ମହିମାଧର୍ମ ସମାଜ ସଂସ୍କାର', କବି ବିଦ୍ୟାଧର ବାରିକଙ୍କ 'ଜେଜେଙ୍କର ତୀର୍ଥଯାତ୍ରା' ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା। ସରୋଜ ମହାରଣା, ରଶ୍ମିତା ରାଉତଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ।

ପ୍ରାରମ୍ଭରେ ବ୍ରଜନାଥ ବଡ଼ଜେନା ଏବଂ ସଂସଦର ପ୍ରତିଷ୍ଠାତା ପ୍ରାଧ୍ୟାପକ ଶଙ୍କର୍ଷଣ ଜେନାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସମ୍ପାଦକ ପ୍ରେମାନନ୍ଦ ରାଉତ, ସହ ସମ୍ପାଦକ ଦେବୀ ପ୍ରସାଦ ନାୟକ, ବୈକୁଣ୍ଠ ବିହାରୀ ସ୍ୱାଇଁ, ସଂସଦର ପୂର୍ବତନ ସମ୍ପାଦକ ବିରଞ୍ଚି ନାରାୟଣ ହୋତା, ପତିତପାବନ ରାଉତ, ପ୍ରକାଶ ରାଉତ, ସୁରେଶ ସାହୁ, କୈଳାସ ରାଉଳ, ଗୋପାଳ ଶତପଥୀ, ନିର୍ମଳ ଦାସ, ଗଙ୍ଗାଧର ସେଠୀ, ଶ୍ରୀନାଥ କବିଶତପଥୀ, ପ୍ରତାପ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିମାନେ ସଂସଦର ମୁଖପତ୍ର 'ବ୍ରଜମଲ୍ଲୀ'କୁ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ଆକ୍ରମଣ ମାମଲା: ଜଣେ ଗିରଫ

**ଛେଣ୍ଡିପଦା,୧୫।୪(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ନିଶା ଶିଳ୍ପାଞ୍ଚଳ ଥାନା ବଡ଼କେରଜେଙ୍ଗ ଗ୍ରାମଠାରେ ପୋଲିସ ଗୃହ ନିର୍ମାଣ ନିଗମ ପକ୍ଷରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାସଂସ୍ଥାର ଯନ୍ତ୍ରୀ, ମ୍ୟାନେଜର ଓ ଅନ୍ୟ କର୍ମଚାରୀଙ୍କୁ ମାଡ଼ ମରାଯିବା ଘଟଣାରେ ପୋଲିସ ଶୁକ୍ରବାର ଆଉ ଜଣକୁ ଗିରଫ କରିଛି। ସେ ହେଲେ ଅନୁଗୋଳ କୁମଣ୍ଡ ଦେଉଳପଡ଼ା ଗ୍ରାମର ମଦନ ମୋହନ ବିଶ୍ୱାଳ। ଏହି ଘଟଣାରେ ପୂର୍ବରୁ ୪ ଅଭିଯୁକ୍ତ ଭୁବନ ସାହୁ, ଅମୀୟ ବିଶ୍ୱାଳ, ଆନନ୍ଦ ଦେବତା, ମାନସ ବିଶ୍ୱାଳ ଗିରଫ ହୋଇଥିବା ତଦନ୍ତକାରୀ ଥାନା ଅଧିକାରୀ ପ୍ରିୟବ୍ରତ ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ୨ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ଆସି ଠିକାସଂସ୍ଥାର ଯନ୍ତ୍ରୀ ଅନନ୍ତ ଚରଣ ସେଠୀଙ୍କୁ ଦାଦା ବଟି ମାଗିବା ସହିତ ମାରପିଟ କରିଥିଲେ। ସଂସ୍ଥାର ମ୍ୟାନେଜର ଏସ୍.କେ. ମହମ୍ମଦ ଅଲ୍ଲୀ, ଓଡ଼ିଶା ପୋଲିସ ହାଉସିଂ ବୋର୍ଡର କର୍ମଚାରୀ ମଙ୍ଗୁଳି ଚରଣ ବେହେରା ସେମାନଙ୍କୁ ଗଣ୍ଡଗୋଳ ନ କରିବାକୁ କହିବାରୁ ସମ୍ପୃକ୍ତ ୨ ଯୁବକ ଏବଂ ତାଙ୍କର ୧୫ ସହଯୋଗୀ ଆସି ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଥିଲା।

### ଲୁଟ୍ ଅଭିଯୋଗ: ୩ ଗିରଫ

**କଣିହାଁ,୧୫।୪(ଡି.ଏନ.ଏ.)-** ଅନୁଗୋଳ ଜିଲା ଏନ୍‌ଟିପିସି ଟାଉନ ଥାନା ଅଧୀନ ପିଟିଏସ୍ କଲୋନିରେ ରହୁଥିବା ଜଣେ ନାବାଳକଙ୍କୁ ଗତ ଗୁରୁବାର ଭୟଭୀତ କରି ସୁନାଗହଣା ଲୁଟ୍ କରିବା ମାମଲାରେ ପୋଲିସ ଶନିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗଦାଶିଳା ଗ୍ରାମର ସମ୍ବିତ କୁମାର ସାହୁ (୧୯), ବିଜିଗୋଳ ଗ୍ରାମର ଅଭିଜିତ୍ ସାହୁ (୨୨), ସମଲ ଥାନା ପରାବିଲ ଗ୍ରାମର ଜିତୁ ମୋହରା (୪୦)। ପୋଲିସ କହିଛି, ପିଟିଏସ୍ କଲୋନିରେ ରହୁଥିବା ଦେବାନନ୍ଦ ସାହୁଙ୍କ ନାବାଳକ ପୁଅ ସମ୍ବିତ କୁମାର ସାହୁ ଏବଂ ତାଙ୍କ ସହପାଠୀ ଟ୍ୟୁଶନ ଯାଉଥିବାବେଳେ ରାସ୍ତାରେ ସମ୍ପୃକ୍ତ ୩ ଅଭିଯୁକ୍ତ ସେମାନଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ସମ୍ବିତ୍‌ଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ଘରେ ଥିବା ସୁନା ଗହଣା ନ ଦେଲେ ପରିବାରର ସମସ୍ତଙ୍କୁ ମାରିଦେବେ ବୋଲି ଧମକ ଦେଇଥିଲେ। ଏହାପରେ ସମ୍ବିତ ଭୟଭୀତ ହୋଇ ଘରେ ଥିବା ସୁନାହାର, ଚେନ୍ ଆଦି ଦେଇଥିବା ଦେବାନନ୍ଦ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ନଂ. ୫୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଲୁଟ୍ ହୋଇଥିବା ଅଳଙ୍କାରକୁ ତାଳଚେର ଶର୍ମା ଛକରେ ଥିବା ଏକ ସୁନା ଦୋକାନରେ ଅଭିଯୁକ୍ତମାନେ ବିକ୍ରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

# ‘ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଉଠିଲେ ଶୀର୍ଷରେ ପହଞ୍ଚିହେବ’

## ରାସୋଳ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

**ରାସୋଳ, ୧୫।୪(ଡି.ଏନ୍.ଏ.)**


ରାସୋଳ ମହୋତ୍ସବ ୨ୟ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସଂକୀର୍ଣ୍ଣତାକୁ ତ୍ୟାଗ କଲେ ଶୀର୍ଷସ୍ଥାନରେ ପହଞ୍ଚି ହେବ। ମନରେ ଉଚ୍ଚ ଭାବନା ରଖିଲେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ହେବ, ଯାହା ଆମକୁ ଉଚ୍ଚ ସ୍ଥାନକୁ ନେଇପାରିବ ବୋଲି କହିଛନ୍ତି ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି (ଆଇଟି) ବିଭାଗ ପ୍ରମୁଖ ଶାସନ ସଚିବ ମନୋଜ କୁମାର ମିଶ୍ର। ଢେଙ୍କାନାଳ ଜିଲା ରାସୋଳ ହାଟପଡ଼ିଆରେ ଚାଲିଥିବା ୧୮ତମ ରାସୋଳ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ଆଇଟି ସଚିବ ନିଜ ଅଭିଭାଷଣରେ କହିଲେ, ଏଣିକି ଜନସାଧାରଣ ଆଉ ସରକାରଙ୍କ ପାଖକୁ ଯିବାର ଆବଶ୍ୟକତା ନାହିଁ। ସରକାର କିପରି ଲୋକଙ୍କ ପାଖକୁ ଆସିବ ସେ ବ୍ୟବସ୍ଥା ରାଜ୍ୟ ସରକାର କରୁଛନ୍ତି। ୪୫୦ରୁ ଉର୍ଦ୍ଧ୍ୱ ସେବା ଅନ୍‌ଲାଇନ୍‌ରେ ମିଳିପାରୁଛି। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସହ ସେ ଜାପାନ ଗସ୍ତ କରିଥିବାବେଳେ ଯାତ୍ରା ସମୟର ଅନୁଭୂତି ବଖାଣିଥିଲେ। ସୀମିତ ପ୍ରାକୃତିକ ସମ୍ପଦ ଏବଂ କୃଷି ଉପଯୋଗୀ ଭୂମି ଥିବା ସତ୍ତ୍ୱେ ପରିଶ୍ରମୀ ଜାପାନବାସୀ ନିଜ ବୁଦ୍ଧିମତା ବଳରେ ବିଶ୍ୱରେ ଛାପ ଛାଡ଼ିଛନ୍ତି। ଜାପାନ ଏବେ ବିଶ୍ୱର ଅଗ୍ରଣୀ ଦେଶ ମଧ୍ୟରୁ ଗୋଟିଏ। ଆମ ଦେଶରେ ପ୍ରାକୃତିକ ସମ୍ପଦର ବିଶାଳ ଭଣ୍ଡାର ରହିଛି। ହେଲେ କେବଳ ଏହା ଉପରେ ନିର୍ଭର କଲେ ହେବନାହିଁ। ପ୍ରାକୃତିକ ସମ୍ପଦ ବ୍ୟତିରେକ ବୁଦ୍ଧିମତାର ଉପଯୋଗ କଲେ ଓଡ଼ିଶା ନିଶ୍ଚିତ ଭାବେ ଦେଶର ଅଗ୍ରଣୀ ରାଜ୍ୟ ହୋଇପାରିବ। ପଞ୍ଚାୟତସ୍ତରରେ ଯେପରି ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିବ ସେଥିଲାଗି ଗୁରୁତ୍ୱ ଦିଆଯାଉଛି। ଫଳରେ ଆଞ୍ଚଳିକସ୍ତରରେ ଲୋକେ ହାତପାହାନ୍ତାରେ ସେବା ପାଇପାରିବେ। ଏହା ସଫଳ ହେଲେ ଗ୍ରାମାଞ୍ଚଳ ବିକାଶର କେନ୍ଦ୍ରସ୍ଥଳ ହେବ ବୋଲି ସେ କହିଛନ୍ତି। ରାସୋଳ ମାଟିର ପୁଅ ଭାବେ ଏଭଳି ମଞ୍ଚରେ ଅତିଥି ହେବା ସୌଭାଗ୍ୟର କଥା। ସମସ୍ତେ ମିଳିମିଶି ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଉଦ୍ୟମ କରିବାକୁ ଆଇଟି ସଚିବ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ଶିକ୍ଷାବିତ୍ ଶାନ୍ତନୁ ସର ହନୁମାନ ଜୟନ୍ତୀ ଏବଂ ଆମ୍ବେଦକର ଜୟନ୍ତୀ ଉପରେ ବ୍ୟାଖ୍ୟା କରିଥିଲେ। ଏଥିସହ ବର୍ତ୍ତମାନର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ଅତୀତରେ ଲୋକେ ଭୋଗୁଥିବା କଷ୍ଟକର ଦିନର ସ୍ମୃତିଚାରଣ କରିଥିଲେ। ପୂର୍ବତନ ବିଧାୟକ ମହେଶ୍ୱର ନାୟକଙ୍କ ସଭାପତିତ୍ୱ ଅନୁଷ୍ଠିତ ସମାରୋହରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପତି, ଉଦ୍ୟାନ କୃଷି ନିର୍ଦ୍ଦେଶକ ହେମନ୍ତ ପଣ୍ଡା, କଟକ ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡା. ରବିନାରାୟଣ ପଣ୍ଡା, ଅନୁଷ୍ଠାନର ସମ୍ପାଦକ ଭାସ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୦ ପଞ୍ଚାୟତର ସରପଞ୍ଚ, ସ୍ୱେଚ୍ଛାସେବୀ ଶ୍ରୀନିବାସ ମିଶ୍ର, ସାଂସ୍କୃତିକ କାର୍ଯ୍ୟକ୍ରମର ଉପଦେଷ୍ଟା, ଚିତ୍ରଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ପୁରୀରୁ ଆସିଥିବା କଳାକାରମାନେ ଗୋଟିପୁଅ, ମାଲଖମ୍ବ ଏବଂ ମୟୂରଭଞ୍ଜରେ କଳାକାରଙ୍କ ଦ୍ୱାରା ପୁଲାର ନୃତ୍ୟ ପରିବେଷଣ କରାଯାଇଥିଲା। ଥାନାଧିକାରୀ ବିଜୟ କୁମାର ହାଇବ୍ରୁଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୋଲିସ ମୁତୟନ ହୋଇଥିଲେ।

### ଜିଲାରେ ହେବ ସୋଲାର ପ୍ୟାନେଲ ଯନ୍ତ୍ରାଂଶ ୟୁନିଟ୍

ଢେଙ୍କାନାଳରେ ପର୍ଯ୍ୟଟନର ଭରପୂର ସମ୍ଭାବନା ରହିଛି। ଏହାମଧ୍ୟ ଶିଳ୍ପର ହବ୍ ଭାବେ ଜଣାଶୁଣା। ନିକଟ ଭବିଷ୍ୟତରେ ଜିଲାରେ ଏକ ସୋଲାର ପ୍ୟାନେଲ ଯନ୍ତ୍ରାଂଶ ୟୁନିଟ୍ ତିଆରି କାରଖାନା ସ୍ଥାପନ କରାଯିବ। ଫଳରେ ଅଞ୍ଚଳରେ କର୍ମନିୟୋଜନ ସୃଷ୍ଟି ହୋଇପାରିବ ବୋଲି ଆଇଟି ସଚିବ ମନୋଜ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ଅବକାରୀ ଚଢ଼ାଉ: ୩ ଗିରଫ

**ବଇଣ୍ଡା,୧୫।୪(ଡି.ଏନ.ଏ.)**

ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶନିବାର କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଧଡ଼ରପାଳ ଗ୍ରାମର ରାଜେନ୍ଦ୍ର ମୁଣ୍ଡା, ଜଏରାଟ ଗ୍ରାମର ପୁଷ୍ପାଞ୍ଜଳି ସାହୁ ଏବଂ ବ୍ରାହ୍ମଣୀପାଲି ଗ୍ରାମର ଲବଣି ପେଣ୍ଟେଇଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ବଇଣ୍ଡା ଅବକାରୀ ଅଧିକାରୀ ରଞ୍ଜିତା ହରିଚନ୍ଦନ, ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ଧରଣୀଧର ପ୍ରହରାଜଙ୍କ ସମେତ କର୍ମଚାରୀମାନେ ସାମିଲ ଥିଲେ।


ଗିରଫ ଅଭିଯୁକ୍ତମାନେ।

# ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ


ମାଧପୁର ପାଣପ୍ରଗତି ଭବନଠାରେ ଆମ୍ବେଡକର ଜୟନ୍ତୀ ପାଳନ।


କୋଶଳାଠାରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**ଛେଣ୍ଡିପଦା/ ମାଧପୁର,୧୫।୪**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର କୋଶଳାଠାରେ ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କୋଶଳା ଆମ୍ବେଡକର ସେବାସଂଘ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ନାଏକ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, କୋଶଳା ସରପଞ୍ଚ ଉଦିତ କୁମାର ପ୍ରଧାନ, ଗୌରୀ ପ୍ରଧାନ, ଭାଜପା ରାଜ୍ୟ କର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ବେହେରା, ଧୀରେନ ମହାପାତ୍ର ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଂଘ ସଭାପତି ଗୋବର୍ଦ୍ଧନ ଗୋଚ୍ଛାୟତ, କର୍ମକର୍ତ୍ତା ଗୋବିନ୍ଦ ନାଏକ, କୃପାସିନ୍ଧୁ ବେହେରା, ରଞ୍ଜନ ନାଏକ, ବିଷ୍ଣୁ ଗୋଚ୍ଛାୟତ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଆଠମଲ୍ଲିକ ବ୍ଲକ ମାଧପୁର ପାଣପ୍ରଗତି ଭବନଠାରେ ପାଣ ପ୍ରଗତି ପରିଷଦ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦ ସଭାନେତ୍ରୀ ଶାନ୍ତିଲତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ପରିଷଦର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପରିଷଦର ବହୁ ସଦସ୍ୟ ଉପସ୍ଥିତ ଥିବାବେଳେ ସମ୍ପାଦକ ପ୍ରଣବ କୁମାର ମହାନନ୍ଦିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ପଥଚାରୀଙ୍କୁ ପଣା ବଣ୍ଟନ

**କାମାକ୍ଷାନଗର,୧୫।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ମୁଣ୍ଡିଦେଉଳି ବଜାର ଯୁବଗୋଷ୍ଠୀଙ୍କ ପକ୍ଷରୁ ଦୁର୍ଗାମଣ୍ଡପ ନିକଟରେ ଶୁକ୍ରବାର ପବିତ୍ର ପଣାସଂକ୍ରାନ୍ତି ଉପଲକ୍ଷେ ପଥଚାରୀଙ୍କୁ ସୁସ୍ୱାଦୁ ପଣା ବଣ୍ଟନ କରାଯାଇଛି। ବେଲ, ଦହି, ଗୁଡ, ନଡିଆ, କଦଳୀ, ଛେନା, ମିଠା ଓ ବିଭିନ୍ନ ଫଳର ମିଶ୍ରଣରେ ପ୍ରାୟ ୩ କୁଇଣ୍ଟାଲ ହୋଇଥିବା ପଣାକୁ ବିଭିନ୍ନ ପଥଚାଟୀ, ବସ୍‌ଯାତ୍ରୀଙ୍କ ସମେତ ଶତାଧିକ ସାଧାରଣ ଲୋକ ଏହାର ମଜା ନେଇଥିଲେ। ମଦନ ପରିଡାଙ୍କ ନେତୃତ୍ୱରେ ସତ୍ୟସୁନ୍ଦର ପରିଡା, ଦେବୀପ୍ରସାଦ ବାରିକ, ପାର୍ଥସାରଥୀ ନାୟକ, ଆର୍ତ୍ତବନ୍ଧୁ ନାୟକ, ଶିବପ୍ରସାଦ ସାହୁ, ପ୍ରଦ୍ୟୁମ୍ନ ମହାନ୍ତି, କ୍ଷୀରୋଦ ମହାନ୍ତି, ବାପି ସାହୁ, ରାମକୃଷ୍ଣ ନନ୍ଦ, ଦଶରଥ ସାହୁ, ସତ୍ୟାନନ୍ଦ ବେହେରା, ଅଭିଷେକ ମହାନ୍ତି, ପପୁ ରାଉଳ, ଦିଲୀପ ନାଥ, ସୁବ୍ରତ ଦିଆଣି ପ୍ରମୁଖ ସାମିଲ ହୋଇଥିଲେ।



ପଥଚାରୀଙ୍କୁ ପଣା ବଣ୍ଟନ କରାଯାଉଛି।

# ୫୩ ୟୁନିଟ୍ ରକ୍ତ ସଂଗ୍ରହ


ଜଣେ ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

**ରସୋଳ, ୧୫।୪(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ରାସୋଳ ଡାକ୍ତରଖାନାରେ ‘ଶ୍ରଦ୍ଧା ଶକ୍ତି ସେବା ଅନୁଷ୍ଠାନ’ ପକ୍ଷରୁ ଶନିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଦୁର୍ଗାଚରଣ ମିଶ୍ର ଏହାର ଶୁଭାରମ୍ଭ କରିଥିଲେ। ଅତିଥି ଭାବେ ହିନ୍ଦୋଳ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶ୍ରୀନିବାସ ମିଶ୍ର, ସାମାଜିକ କର୍ମୀ ରତିକାନ୍ତ ଗଡ଼ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ମୋଟ ୫୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ଜେସିବି ମେଶିନ ମାଲିକ ଗିରଫ

**କଣିହାଁ,୧୫।୪(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ପୋଲିସ ସପ୍ତାହେ ତଳେ ଚୋରା କୋଇଲା ଚାଲାଣବେଳେ ଏକ କୋଇଲା ବୋଝେଇ ଟ୍ରକ୍ ଓ ଲୋଡିଂରେ ବ୍ୟବହୃତ ଜେସିବି ମେଶିନ ଜବତ କରିଥିଲା। ଏହି ଘଟଣାରେ ପୋଲିସ ଶନିବାର ଜେସିବି ମାଲିକ ବିଲିଣ୍ଡା ଗ୍ରାମର ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଗିରଫ କରିଛି। ପୋଲିସ କହିଛି, ବଲାଙ୍ଗି ନିକଟ ଦେଇ ଯାଇଥିବା ଏନ୍‌ଟିପିସି ରେଲୱେ ଲାଇନ ପାଖରେ ଚୋରା କୋଇଲା ଚାଲାଣ ହେଉଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ କୋଇଲା ବୋଝେଇ ଟ୍ରକ୍ ଓ ଜେସିବି ମେଶିନ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି।

# ସମସ୍ୟା ସମାଧାନ ନିମନ୍ତେ ଦାବିପତ୍ର

**ବଇଣ୍ଡା,୧୫।୪ (ଡି.ଏନ.ଏ.)**


ଗ୍ରାମବାସୀ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏହାର ସମାଧାନ କରିବା ପାଇଁ ଶୁକ୍ରବାର ବଇଣ୍ଡା ଗ୍ରାମବାସୀ କେନ୍ଦ୍ର ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ସିଂହ ଆଠମଲ୍ଲିକ ଗସ୍ତରେ ଆସି ଫେରୁଥିବା ବେଳେ ବଇଣ୍ଡା ଛକଠାରେ ଗ୍ରାମର ଭଗବାନ ଘିଓ୍ୱାଲା, ରାଜେନ୍ଦ୍ର ସାହୁ, ଅରବିନ୍ଦ ସାହୁ, ଅଜିତ ପଟ୍ଟନାୟକ, ବିକାଶ ସେଠୀ, ଲକ୍ଷ୍ମୀଧର ବେହେରା, ମାନସ ସାହୁ, ଚନ୍ଦନ ଶର୍ମା, ଗୋପୀନାଥ ସାହୁଙ୍କ ସମେତ ଗ୍ରାମବାସୀ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଗ୍ରାମବାସୀ ଦାବିପତ୍ରରେ ଦର୍ଶାଇଛନ୍ତି, ବଇଣ୍ଡା ଅଞ୍ଚଳରେ ଜନସଂଖ୍ୟା ବଢୁଥିବାବେଳେ ମୃତଦେହ ପୋଡ଼ିବାକୁ ଶ୍ମଶାନ ନାହିଁ। ଏଥିପାଇଁ ୪ ରୁ ୫ କିମି ଯିବାକୁ ପଡୁଛି। ତୁରନ୍ତ ଏକ ଶ୍ମଶାନ ନିର୍ମାଣ ସହ ସୌନ୍ଦର୍ଯ୍ୟକରଣ ପାଇଁ ଏକ ପାର୍କ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ନୁନୁକାପଶି ଅଞ୍ଚଳରେ ଏକ ପାର୍କ ନିର୍ମାଣ କରାଯାଉଥିବାବେଳେ ମାତ୍ର ୩୦ ପ୍ରତିଶତ କାମ ହୋଇ ପଡିରହିଛି। ନୂତନ ପାର୍କ ନିର୍ମାଣ କରାଗଲେ ଅଞ୍ଚଳର ବିକାଶ ହୋଇପାରିବ। ସେହିପରି ବଣିଆଦୋହଲି ସାହିକୁ ସଂଯୋଗୀକରଣ ପାଇଁ ଶିକ୍ଷକପଡାଠାରୁ ଏକ ନୂତନ ରାସ୍ତା ନିର୍ମାଣ କରାଗଲେ ଶିଶୁ ମନ୍ଦିର, ସାନଗୋବିନ୍ଦପୁର, ବଣିଆଦୋହଲି ସାହି, ଝରିପାଣି ଆଦି ଗ୍ରାମବାସୀ ଯାତାୟାତରେ ଉପକୃତ ହୋଇପାରିବେ। ଏ ନେଇ ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କୁ ବହୁବାର ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି କେନ୍ଦ୍ର ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଚୋରି ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ, ୧୫।୪**

ଅନୁଗୋଳ ସଦର ଥାନା ପଞ୍ଚମହଲାଠାରେ ଥିବା ଏକ ଗ୍ୟାରେଜରୁ ଚୋରି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କରଡ଼ାଗାଡ଼ିଆ ଅଞ୍ଚଳର ସୁଶାନ୍ତ ବେହେରା (୨୩) ଓ ନୂଆମୌଜା ଅଞ୍ଚଳର ରାକେଶ ନାଏକ (୨୦) ବୋଲି ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ଗ୍ରୀସ୍ ଜାର ସହ ପୁରୁଣା ମାମଲାର ଚୋରା ଗାଡ଼ି ଜବତ କରାଯାଇଛି। ପୋଲିସ କହିଛି, ଅନୁଗୋଳର ଅଭିଷେକ ଅଗ୍ରଓ୍ୱାଲଙ୍କ ଦୋକାନରୁ ଚୋରି ହୋଇଥିବା ନେଇ ସେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୮୯/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଗିରଫ ପରେ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ନାଲ୍‌କୋ ତାରିଣୀ ମନ୍ଦିରରେ ବିଷୁବ ସଂକ୍ରାନ୍ତି

**ବଁଅରପାଳ,୧୫।୪(ଡି.ଏନ.ଏ.)**

ନାଲ୍‌କୋ ତାରିଣୀ ମନ୍ଦିରରେ ଶୁକ୍ରବାର ବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ସକାଳେ ମା’ଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏଥିସହ ହୋମ ଓ ନାମ ସଂକୀର୍ତ୍ତନ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ମା’ଙ୍କ ଦର୍ଶନ କରିଥିଲେ। ପୂର୍ବାହ୍ନରେ ପ୍ରାୟ ୮ ହଜାର ଭକ୍ତଙ୍କ ପଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଇଡି ଭୀମସେନ ପ୍ରଧାନ ଯୋଗ ଦେଇଥିଲେ। ପ୍ରଭାତ ଗଡ଼ନାୟକ, ଭାସ୍କର ସେଠୀ, ନିର୍ମଳ ସାମଲ, ମନୋଜ ସ୍ୱାଇଁ, ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରାତିରେ ପାଲା ପରିବେଷଣ ହୋଇଥିଲା।


କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ମନ୍ଦିର କମିଟି କର୍ମକର୍ତ୍ତାମାନେ।

## ବ୍ୟବସାୟୀଙ୍କ ପରଲୋକ

**ବଇଣ୍ଡା,୧୫।୪ (ଡି.ଏନ.ଏ.)**



କିଶୋରନଗର ବ୍ଲକ ଆନନ୍ଦମୁଣ୍ଡା ଗ୍ରାମର ଯୁବ ବ୍ୟବସାୟୀ ଦୁର୍ଯ୍ୟୋଧନ ସାହୁ (୩୫)ଙ୍କ ଶୁକ୍ରବାର କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ଗୁରୁବାର ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ପ୍ରଥମେ ଅନୁଗୋଳ ପରେ କଟକସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ସରପଞ୍ଚ ଦୀପ୍ତିମୟୀ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁନୀଲ ପ୍ରଧାନଙ୍କ ସମେତ ଅଞ୍ଚଳବାସୀ ଶୋକ ପ୍ରକାଶ କରିଛନ୍ତି।

# ସାହିତ୍ୟ ସଂସଦର ବିଷୁବ ମିଳନ

**ଅନୁଗୋଳ ଅଫିସ, ୧୫।୪**

ଅନୁଗୋଳ ରୋଟାରି ପବ୍ଲିକ ସ୍କୁଲ ପରିସରରେ ଅନୁଗୋଳ ଜିଲା ସାହିତ୍ୟ ସଂସଦ ପକ୍ଷରୁ ସାମ୍ବତ୍ସରିକ ବିଷୁବ ମିଳନ ସମାରୋହ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସର୍ବଭାରତୀୟ କସ୍ତୁରବା ଫାଉଣ୍ଡେଶନ ସଭାପତି ଗାୟତ୍ରୀ ଦାସ ଯୋଗଦେଇ ଅନୁଗୋଳର ଓଡ଼ିଆ ସାହିତ୍ୟକୁ କବି ରାଧାମୋହନ ଗଡ଼ନାୟକ, ମାଳତୀ ଦେବୀ ଏବଂ ନବକୃଷ୍ଣ ଚୌଧୁରୀଙ୍କ ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଚଳିତବର୍ଷ ପାଇଁ ରାଜା ସୋମନାଥ ସିଂହ ପ୍ରତିଭା ସମ୍ମାନ ଡ. ପ୍ରସନ୍ନ ବରାଳଙ୍କୁ, କବି ରାଧାମୋହନ ଗଡ଼ନାୟକ ସମ୍ମାନ କବି ଖଗେଶ୍ୱର ମହତାବଙ୍କୁ, ପବିତ୍ରମୋହନ ସ୍ମୃତି ସମ୍ମାନ କନ୍ଦର୍ପ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଗଦାଧର ମିଶ୍ର, ବିଶ୍ୱରଞ୍ଜନ ପ୍ରଧାନ, ପ୍ରେମଲତା ସାହୁ, ସୌଭାଗିନୀ ଦାସ, ଘନଶ୍ୟାମ ସାହୁଙ୍କୁ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। କବି ଶଶାଙ୍କ ଶେଖର ବାରିକଙ୍କ ପୁସ୍ତକ ‘ପଥ ଓ ପଥିକ’, ରୁଚିର କୁମାର ପାଣିଗ୍ରାହୀଙ୍କ ପୁସ୍ତକ ବିବର୍ତ୍ତନ, ସଖୀ ଓ ସ୍ମୃତିରେ ସ୍ମୃତିରେ, ମାମୁଲି ସାହୁଙ୍କ ପୁସ୍ତକ, ଗୀତାମୟୀ ମହାପାତ୍ରଙ୍କ ‘କବିତା ନିର୍ଝରିଣୀ’, ଡ. ପ୍ରଶାନ୍ତ ରଥଙ୍କ ୨ଟି ପୁସ୍ତକ ଏବଂ ସାହିତ୍ୟ ସଂସଦର ପତ୍ରିକା ପାଦଚିହ୍ନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାଧ୍ୟାପକ ଶାନ୍ତନୁ କୁମାର ସର ଅତିଥି ପରିଚୟ ଦେଇଥିବାବେଳେ ସମ୍ପାଦକ ରାଧାକାନ୍ତ ମହନ୍ତି ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଦୁଷ୍ମନ୍ତ ନାଥ ସ୍ତୋତ୍ର ପାଠ କରିଥିଲେ। ଆଡ୍‌ଭୋକେଟ୍ ଯଦୁମଣି ସାହୁ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ‘ଆମ କୁନାକୁନି’ର ବିଷୁବ ବିଶେଷାଙ୍କ ଉନ୍ମୋଚିତ

**ତାଳଚେର, ୧୫।୪ (ନି.ପ୍ର.)**

ତାଳଚେର ବ୍ଲକ କଳମଛୁଇଁସ୍ଥିତ ମା’ ହିଙ୍ଗୁଳା ପାଠାଗାର ଆନୁକୂଲ୍ୟରେ ତ୍ରୟମାସିକ ଶିଶୁ କିଶୋର ପତ୍ରିକା ‘ଆମ କୁନାକୁନି’ର ବିଷୁବ ବିଶେଷାଙ୍କ ଉନ୍ମୋଚିତ ହୋଇଯାଇଛି। ଜିଲା ସାହିତ୍ୟ ସଂସଦ ଅନୁଗୋଳର ସାମ୍ବତ୍ସରିକ ବିଷୁବ ମିଳନ ଉତ୍ସବରେ ଏହି ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ପତ୍ରିକାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ ମା’ ହିଙ୍ଗୁଳା ପାଠାଗାର ସଭାପତି ହାଡ଼ିବନ୍ଧୁ ପ୍ରଧାନ ଉପସ୍ଥିତ ଥିଲେ। ଏହି ବିଶେଷାଙ୍କରେ ଓଡ଼ିଶାର ବହୁ ଲବ୍ଧପ୍ରତିଷ୍ଠିତ ଶିଶୁ ସାହିତ୍ୟିକଙ୍କ ଲେଖା ସ୍ଥାନ ପାଇଥିବାବେଳେ ଏହା ଶିଶୁ, କିଶୋରମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ସମ୍ପାଦକ ସ୍ୱାଇଁ ମତ ପ୍ରକାଶ କରିଥିଲେ।

